## ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ ଉଦ୍‌ଯାପିତ

# ‘ପୂର୍ବାଞ୍ଚଳୀୟ ଭାଷାର ସାହିତ୍ୟ ଖୁବ୍ ପ୍ରଭାବଶାଳୀ’

ଭୁବନେଶ୍ୱର, ୨୩/୭(ଇମିସ): ଓଡ଼ିଆ, ବଙ୍ଗଳା, ଅହମିଆ, ସାନ୍ତାଳୀ, ବୋଡ଼ୋ, ମଣିପୁରୀ, ନେପାଳୀ ଓ ମୈଥିଳୀ ଆଦି ପୂର୍ବାଞ୍ଚଳୀୟ ଭାଷାରେ ସୃଷ୍ଟି ହୋଇଛି ଅଗଣିତ କାଳଜୟୀ ସାରସ୍ୱତ କୃତି। ଗଦ୍ୟ, ପଦ୍ୟ, ନାଟକ ତଥା ସମାଲୋଚନା କ୍ଷେତ୍ରରେ ଏସବୁ ଭାଷାର ସାମୂହିକ ଅବଦାନ ଭାରତୀୟ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି। ପୂର୍ବାଞ୍ଚଳୀୟ ଭାଷାର ସାହିତ୍ୟ ଖୁବ୍ ପ୍ରଭାବଶାଳୀ। କେନ୍ଦ୍ର ସାହିତ୍ୟ ଅକାଦେମି ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦ୍ୱିଦିବସୀୟ ‘ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ’ରେ ବକ୍ତାମାନେ ଏହି ମତ ରଖିଛନ୍ତି।

ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଆୟୋଜିତ ଏହି ଲେଖକ ସମ୍ମିଳନୀର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ସାହିତ୍ୟ ଅକାଦେମିର ସାଧାରଣ ପରିଷଦ ସଦସ୍ୟ ନାଟ୍ୟକାର ବିଜୟ କୁମାର ଶତପଥୀ। ଏହି ଅଧିବେଶନରେ ପୂର୍ବାଞ୍ଚଳୀୟ ଭାଷାର ସାହିତ୍ୟରେ ସାଂପ୍ରତିକ ଧାରା ଶୀର୍ଷକରେ ଆଲୋଚନା କରିଥିଲେ ଗୌହାଟୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟକାମ ବରଥାକୁର (ଅହମିଆ), ଆଇଏଲ୍‌ଏସ୍‌ଆର୍ କୋଲକାତାର ନିର୍ଦ୍ଦେଶକ ସ୍ୱାତୀ ଗୁହା (ବଙ୍ଗଳା) ଓ ଗବେଷକ ଅସିତ ମହାନ୍ତି (ଓଡ଼ିଆ)। ପ୍ରଫେସର ଶତପଥୀ ନିଜ ବକ୍ତବ୍ୟରେ ଓଡ଼ିଆ ସମେତ ଅନ୍ୟାନ୍ୟ ଭାଷାର ସାଂପ୍ରତିକ ନାଟକର ଧାରା ସମ୍ପର୍କରେ ଆଲୋଚନା କରିଥିଲେ।




ପରବର୍ତ୍ତୀ ଅଧିବେଶନରେ ସାହିତ୍ୟ ଅକାଦେମିର ସାନ୍ତାଳୀ ପରାମର୍ଶ ମଣ୍ଡଳୀର ଆବାହକ ଚୈତନ୍ୟ ପ୍ରସାଦ ମାଝୀଙ୍କ ସଭାପତିତ୍ୱରେ କ୍ଷୁଦ୍ରଗଳ୍ପ ପାଠ କରାଯାଇଥିଲା। ସୋରୋଖାଇବାମ ଦେବେନ୍ଦ୍ର ମୈତେଇ (ମଣିପୁରୀ), ଚିରଶ୍ରୀ ଇନ୍ଦ୍ରସିଂ (ଓଡ଼ିଆ) ଓ କାଳିଚରଣ ହେମ୍ବ୍ରମ (ସାନ୍ତାଳୀ) ପ୍ରମୁଖ ଏଥିରେ ଗଳ୍ପପାଠ କରିଥିଲେ। ଶ୍ରୀ ମାଝୀ କ୍ଷୁଦ୍ରଗଳ୍ପର ସୃଷ୍ଟି ଓ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ତିମ ଅଧିବେଶନରେ ବିଶିଷ୍ଟ କବି ଆଶୁତୋଷ ପରିଡ଼ାଙ୍କ ସଭାପତିତ୍ୱରେ କବିତା ପାଠ କରିଥିଲେ ଥାନେଶ୍ୱର ଗୋୟାରି (ବୋଡ଼ୋ), କ୍ଷେତ୍ରିମାୟୁମ ରାଜେନ ସିଂହ (ମଣିପୁରୀ), ମିଲନ ଥୁଲୁଙ୍ଗ ରାଇ (ନେପାଳୀ), ପବିତ୍ର ମୋହନ ଦାଶ (ଓଡ଼ିଆ) ଓ ରକ୍ଷକ ନାୟକ (ଓଡ଼ିଆ)। ଡକ୍ଟର ପରିଡ଼ା କବିତାର ସାମାଜିକ ଆବେଦନ ସମ୍ପର୍କରେ କହିଥିଲେ। ପଠିତ କବିତାଗୁଡ଼ିକରେ ଗାନ୍ଧୀ ଓ ବୁଦ୍ଧଙ୍କଠାରୁ ଆରମ୍ଭ କରି ସାଂପ୍ରତିକ ଘଟଣାବଳୀ ପ୍ରତୀକାତ୍ମକ ଭାବେ ପ୍ରତିଫଳିତ ହୋଇଥିଲା। ନିମନ୍ତ୍ରିତ ଲେଖକଙ୍କୁ ସାହିତ୍ୟ ଅକାଦେମିର ପୂର୍ବାଞ୍ଚଳୀୟ ଉପଦେଷ୍ଟା ପରିଷଦର ଆବାହକ ଗୌରହରି ଦାସ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ ସାହିତ୍ୟ ଅକାଦେମି କୋଲକାତା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ। ଏହି କାର୍ଯ୍ୟକ୍ରମରେ ବହୁ ଲେଖକ, ଲେଖିକା, ଗବେଷକ, ସାହିତ୍ୟପ୍ରେମୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।